# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**10 December - 2024**

**News Editor : *Itishree Singh Rathuar***

**********************************

## ମୁଖ୍ୟ ସମ୍ବାଦ

- ସାଇବର ଅପରାଧ ଓ ଜଳବାୟୁ ପରିବର୍ତ୍ତନ ମାନବ ଅଧିକାର ପାଇଁ ନୂଆ ଆହ୍ୱାନ ସୃଷ୍ଟି କରିଛି : ବିଶ୍ୱ ମାନବାଧିକାର ଦିବସ ଅବସରରେ କହିଲେ ରାଷ୍ଟ୍ରପତି ।

- ସିଙ୍ଗାପୁରର ସହଭାଗିତାରେ ଅନୁଷ୍ଠିତ ହେବ ଉତ୍କର୍ଷ ଓଡ଼ିଶା ମେକ୍-ଇନ୍ ଓଡ଼ିଶା ସମ୍ମିଳନୀ ।

  - କାର୍ଯ୍ୟକ୍ରମ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ସିଙ୍ଗାପୁର ହାଇକମିଶନର ।

- ରାଜ୍ୟର ୬୨ଟି ବୃହତ୍ ଶିଳ୍ପ କାରଖାନାକୁ ପଲିଥିନ୍‌ମୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବିଧାନସଭାରେ ସୂଚନା ଦେଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ।

- ରାଜ୍ୟରେ ଲିଙ୍ଗଗତ ହିଂସା ରୋକିବା ପାଇଁ ଲୋକାର୍ପିତ ହେଲା ବ୍ଲକଚେନ୍ ପ୍ରଯୁକ୍ତିବିଦ୍ୟା ଆଧାରିତ "ଶକ୍ତି ଆପ୍" ।

ଏବଂ

- ପୁରୀ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ ରତ୍ନଭଣ୍ଡାର ମରାମତି ନେଇ ଆଲୋଚନା ।

***GNR***

## ଜାତୀୟ ମାନବାଧିକାର ଆୟୋଗ

ସାଇବର ଅପରାଧ ଏବଂ ଜଳବାୟୁ ପରିବର୍ତ୍ତନ ମାନବ ଅଧିକାର ପାଇଁ ନୂଆ ଆହ୍ୱାନ ସୃଷ୍ଟି କରିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନୂଆଦିଲ୍ଲୀରେ ଆଜି ବିଶ୍ୱ ମାନବାଧିକାର ଦିବସ ଅବସରରେ ଜାତୀୟ ମାନବାଧିକାର ଆୟୋଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ଆଜିର ଡିଜିଟାଲ ଯୁଗ ପରିବର୍ତ୍ତନକାରୀ କିନ୍ତୁ ସାଇବର ବୁଲିଙ୍ଗ, ଡିପ୍‌-ଫେକ୍‌, ବ୍ୟକ୍ତିଗତ ଗୋପନୀୟତା ଏବଂ ମିଥ୍ୟା ସମ୍ବାଦ ପ୍ରଚାର ଭଳି କେତେକ ସମସ୍ୟା ସମାଜ ପାଇଁ ବିପଦ ସୃଷ୍ଟି କରିଛି । ରାଷ୍ଟ୍ରପତି କହିଛନ୍ତି ଭାରତ ଦାରିଦ୍ର୍ୟତା ଏବଂ କୁପୋଷଣକୁ ସମାପ୍ତ ତଥା ଯୁବପିଢ଼ୀଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ପାଇଁ ଅନେକ ନୀତି ପ୍ରଣୟନ କରି ଅନ୍ୟ ଦେଶ ପାଇଁ ଉଦାହରଣ ସାଜିଛି ।

ପ୍ରତ୍ୟେକ ବ୍ୟକ୍ତିର ମୌଳିକ ସ୍ୱାଧୀନତା ଓ ଅଧିକାରକୁ ସୁନିଶ୍ଚିତ କରିବା ଦିଗରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ମାନବାଧିକାର ଦିବସ ପାଳନ କରାଯାଉଛି । ଚଳିତ ବର୍ଷ "ଆମ ଅଧିକାର, ଆମ ଭବିଷ୍ୟତ" ବିଷୟବସ୍ତୁକୁ ନେଇ ଏହି ଦିବସ ପାଳନ କରାଯାଉଛି ।

*BBSR*

## ଉତ୍କର୍ଷ ଓଡ଼ିଶା–ମେକ୍ ଇନ୍ ଓଡ଼ିଶା

ଭୁବନେଶ୍ୱରରେ ଆସନ୍ତା ବର୍ଷ ହେବାକୁ ଥିବା "ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା" କାର୍ଯ୍ୟକ୍ରମ ସିଙ୍ଗାପୁରର ସହଭାଗିତାରେ ଅନୁଷ୍ଠିତ ହେବ। ସିଙ୍ଗାପୁର ରାଷ୍ଟ୍ରପତି ଥରମାନ୍ ଶାନମୁଗରତନମ୍ ଏଥିପାଇଁ ଜାନୁଆରୀରେ ଓଡିଶା ଗସ୍ତରେ ଆସିବେ। ଏ ନେଇ ଆଲୋଚନା କରିବା ପାଇଁ ଭାରତରେ ଥିବା ସିଙ୍ଗାପୁର ହାଇ କମିଶନର୍' ସାଇମନ୍ ଓଙ୍ଗ୍ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସହ ସାକ୍ଷାତ କରିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଶ୍ରୀ ଓଙ୍ଗ୍ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ କରି କହିଛନ୍ତି ଓଡ଼ିଶା ଓ ସିଙ୍ଗାପୁର ମଧ୍ୟରେ ବାଣିଜ୍ୟ ସହ ସାଂସ୍କୃତିକ ବିନିମୟର ସୁଯୋଗ ରହିଛି। ଓଡ଼ିଶାରେ ପେଟ୍ରୋକେମିକାଲ, ସବୁଜ ଶକ୍ତି, ପର୍ଯ୍ୟଟନ ଏବଂ ଦକ୍ଷତା ବିକାଶର ଅପାର ସମ୍ଭାବନା ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଙ୍ଗାପୁରର ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଉତ୍କର୍ଷ ଓଡ଼ିଶାରେ ସିଙ୍ଗାପୁର ସହଯୋଗୀ ରାଷ୍ଟ୍ର ହେବାଦ୍ୱାରା ଓଡ଼ିଶା ଓ ସିଙ୍ଗାପୁର ମଧ୍ୟରେ ବାଣିଜ୍ୟିକ ସମ୍ବନ୍ଧର ନୂତନ ପଥ ଉନ୍ମୁକ୍ତ ହୋଇଛି।

*BBSR*

## ବିଧାନସଭା – ଜଙ୍ଗଲ ପରିବେଶ ମନ୍ତ୍ରୀ

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ୧୬୨ଟି ବୃହତ୍ ଶିଳ୍ପ କାରଖାନାକୁ ଆବାସିକ ତଥା ଶିଳ୍ପାଞ୍ଚଳରେ ପଲିଥିନ୍ ମୁକ୍ତ କରିବାକୁ

ନିର୍ଦ୍ଦେଶ ଦିଆଯାଇଛି ବୋଲି ଆଜି ବିଧାନସଭାରେ ଏକ ଲିଖିତ ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ୨୦୨୩-୨୪ ମସିହାରେ ରାଜ୍ୟରେ ୧୭୬ଟି ପ୍ରମୁଖ ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ବର୍ଜନ କରିବା ପାଇଁ ସଚେତନତା ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ତେବେ କଟକ ସହରରେ ବହୁଳ ଭାବେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟବହାର ହେଉଥିବାରୁ ଏହି ପ୍ରସଙ୍ଗରେ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି। ଚଳିତ ବର୍ଷ କେବଳ ୬ ମାସ ମଧ୍ୟରେ କଟକ ଜିଲ୍ଲାରୁ ୧୮୦୦ କିଲୋଗ୍ରାମ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ଜବତ ହୋଇଥିଲା। ସେହିଭଳି ରାଜ୍ୟର ୨ଟି ଦର୍ଶନୀୟ ସ୍ଥଳୀ ଦାରିଙ୍ଗିବାଡ଼ି ତଥା ଚନ୍ଦ୍ରଭାଗାକୁ ପଲିଥିନ୍‌ମୁକ୍ତ କରିବା ପାଇଁ ପାଇଲଟ ପ୍ରକଳ୍ପ ଭାବେ ଗ୍ରହଣ କରାଯାଇଛି।

***BBSR***

## ମେଟ୍ରୋ ଷ୍ଟେସନ

ମେଟ୍ରୋ ରେଳପ୍ରକଳ୍ପ ୨୦୨୭ ମସିହା ଡିସେମ୍ବର ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଭୁବନେଶ୍ୱର ବିମାନ ବନ୍ଦରରୁ କଟକ ତ୍ରିଶୁଳିଆ ଛକ ପର୍ଯ୍ୟନ୍ତ ୨୦ଟି ସ୍ଥାନରେ ମେଟ୍ରୋ ଷ୍ଟେସନ ହେବ ବୋଲି ଆଜି ବିଧାନସଭାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ମନ୍ତ୍ରୀ କହିଛନ୍ତି ମେଟ୍ରୋ ରେଳ ପ୍ରକଳ୍ପ ଲାଗି

୨୦୨୩-୨୪ ଆର୍ଥିକ ବର୍ଷରେ ୨୧୦ କୋଟି ଟଙ୍କା ମଞ୍ଜୁର ହୋଇଛି। ସେଭଳି ୨୦୨୪-୨୫ ଆର୍ଥିକ ବର୍ଷରେ ୧ ହଜାର କୋଟି ଟଙ୍କା ମଞ୍ଜୁର ହୋଇଛି।

***BBSR***

## ରାଜ୍ୟସଭା ଉପନିର୍ବାଚନ

ରାଜ୍ୟସଭା ଉପନିର୍ବାଚନ ପାଇଁ ଆଜି ନାମାଙ୍କନର ଶେଷ ତାରିଖ ଥିବାବେଳେ ବିଜେପି ପକ୍ଷରୁ ସୁଜିତ୍ କୁମାର ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ରାଜ୍ୟସଭା ଉପନିର୍ବାଚନ ପାଇଁ ନିଯୁକ୍ତ ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟରୁ ଏହି ସୂଚନା ମିଳିଛି। ଆସନ୍ତାକାଲି ନାମାଙ୍କନ ଯାଞ୍ଚ ହେବ ବୋଲି ଜଣାପଡିଛି। ତେବେ ଅନ୍ୟ କେହି ନାମାଙ୍କନ ଦାଖଲ କରିନଥିବାରୁ ଶ୍ରୀ କୁମାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଏକପ୍ରକାର ସୁନିଶ୍ଚିତ ହୋଇଛି।

***Desk***

## ଶକ୍ତି ଆପ୍

ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଭୁବନେଶ୍ୱରରେ ବ୍ଲକ୍‌ଚେନ୍ ପ୍ରଯୁକ୍ତିବିଦ୍ୟା ଆଧାରିତ "ଶକ୍ତି ଆପ୍"ର ଲୋକାର୍ପଣ କରିଛନ୍ତି। ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଲିଙ୍ଗଭିତ୍ତିକ ହିଂସା ବିରୁଦ୍ଧରେ ଅନୁଷ୍ଠିତ ୧୬ ଦିନିଆ ସଚେତନତା ଅଭିଯାନର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଶ୍ରୀମତୀ ପରିଡ଼ା ଆପ୍‌ର ଲୋକାର୍ପଣ କରିବା ସହ ଏକ ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ

କହିଛନ୍ତି ଏକ ସଭ୍ୟ ସମାଜରେ ଲିଙ୍ଗଗତ ହିଂସାର କୌଣସି ସ୍ଥାନ ନାହିଁ। ମହିଳାମାନଙ୍କୁ ଏକ ସୁରକ୍ଷିତ ପରିବେଶ ପ୍ରଦାନ କରିବା ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କ ସମେତ ଉପସ୍ଥିତ ଜନସାଧାରଣ ଲିଙ୍ଗଗତ ହିଂସା ବିରୁଦ୍ଧରେ ଶପଥ ଗ୍ରହଣ କରିଥିଲେ।

'ଶକ୍ତି ଆପ୍' ଲିଙ୍ଗଗତ ହିଂସା ଦ୍ୱାରା ଶିକାର ହୋଇଥିବା ମହିଳାମାନଙ୍କର ସମ୍ମାନକୁ ସୁରକ୍ଷା ଦେବା ଦିଗରେ କାର୍ଯ୍ୟ କରିବ। ପ୍ରଥମ ପର୍ଯ୍ୟାୟରେ ପରୀକ୍ଷାମୂଳକ ଭାବେ ୫ଟି ଜିଲ୍ଲା ଖୋର୍ଦ୍ଧା, ପୁରୀ, ଗଞ୍ଜାମ, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାରେ ଏହି ଆପ୍ କାର୍ଯ୍ୟ କରିବ।

***PURI***

## ଛତିଶା ନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗ ବୈଠକ ଚାଲିଛି। ବୈଠକରେ ରତ୍ନଭଣ୍ଡାର ମରାମତି ନେଇ ଆଲୋଚନା ଜାରି ରହିଛି। ଆସନ୍ତା ୧୬ ତାରିଖଠାରୁ ଶ୍ରୀଜୀଉଙ୍କ ପହିଲି ଭୋଗ ଆରମ୍ଭ ହେବାକୁ ଥିବାବେଳେ ସେହିଦିନ ରାତ୍ର ୨ଟାରୁ ଦ୍ୱାର ଫିଟାଯାଇ ଦୈନିକ ନୀତି ସମାପନ କରାଯିବ। ସେହିପରି ଦ୍ୱିତୀୟ ଭୋଗମଣ୍ଡପ ନୀତି ପରେ ପ୍ରତ୍ୟହ ରତ୍ନଭଣ୍ଡାର ମରାମତି ନେଇ ପ୍ରସ୍ତାବ ରହିଛି। ଆସନ୍ତା ଜାନୁୟାରୀ ୧୩ ତାରିଖ ଦିନ ଦେବାଭିଷେକ ପୂର୍ଣ୍ଣିମା ଓ ୧୪ ତାରିଖରେ ମକର ସଂକ୍ରାନ୍ତି ନୀତିନିର୍ଘଣ୍ଟ ନେଇ ମଧ୍ୟ ଆଲୋଚନା ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

*Puri*

## ମହୋଦଧି ଦିବସ

ସମୁଦ୍ରକୁ ପ୍ଲାଷ୍ଟିକମୁକ୍ତ କରିବା ତଥା ମହୋଦଧିର ସୁରକ୍ଷା ନେଇ ବ୍ୟାପକ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପୁରୀରେ ଆଜିଠାରୁ ମହୋଦଧି ଦିବସ ପାଳନ କରାଯାଉଛି । ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ପ୍ରାୟ ୧୦ଟି ଦେଶରୁ ୩୫ ଜଣ ଅନ୍ତର୍ଜାତୀୟ ପ୍ରତିନିଧିଙ୍କ ସମେତ ଦେଶର ବିଭିନ୍ନ ଉପକୂଳବର୍ତ୍ତୀ ରାଜ୍ୟରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ପୁରୀ ବେଳାଭୂମିରେ ଜଳକ୍ରୀଡ଼ା ସହିତ ପର୍ଯ୍ୟଟନକୁ ଲୋକପ୍ରିୟ କରାଇବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ।

*Puri*

## ମହାକୁମ୍ଭ ମେଳା

ଉତ୍ତରପ୍ରଦେଶର ପ୍ରୟାଗରାଜରେ ଜାନୁୟାରୀ ୧୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି ମହାକୁମ୍ଭ ମେଳା । ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଭାରତ ଗୌରବ ପର୍ଯ୍ୟଟନର ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ଆଇଆର୍‌ସିଟିସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ମହାକୁମ୍ଭ ପୂର୍ଣ୍ଣ କ୍ଷେତ୍ର ଯାତ୍ରା ପ୍ୟାକେଜ୍ ମାଧ୍ୟମରେ ସ୍ୱତନ୍ତ୍ର ଟ୍ରେନ୍ ଜାନୁଆରୀ ୨୩ ତାରିଖ ଦିନ ପୁରୀରୁ ବାହାରିବା ସହ ପ୍ରୟାଗରାଜ, ବାରଣାସୀ ଓ ଅଯୋଧ୍ୟା ଯାତ୍ରାକରି ପ୍ରତ୍ୟାବର୍ତ୍ତନ କରିବ । ଯାତ୍ରୀଙ୍କ ସମସ୍ତ ଖର୍ଚ୍ଚ ଏହି ଟୁର୍ ପ୍ୟାକେଜ୍‌ରେ ରହିଥିବାବେଳେ ୩୩ ପ୍ରତିଶତ ରିହାତି ପ୍ରଦାନ କରାଯିବ ବୋଲି ପୁରୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଆଇଆର୍‌ସିଟିସି ପକ୍ଷରୁ ସୂଚନା ଦିଆଯାଇଛି ।

*Ganjam*

## ରାଷ୍ଟ୍ରୀୟ ଲୋକଅଦାଲତ

ଗଞ୍ଜାମ ଜିଲ୍ଲା ଛତ୍ରପୁର ତାଲୁକ ଆଇନସେବା କମିଟି ପକ୍ଷରୁ ଛତ୍ରପୁର ସିଭିଲ କୋର୍ଟ ପରିସରରେ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକଅଦାଲତ ଆସନ୍ତା ୧୪ ତାରିଖରେ ଅନୁଷ୍ଠିତ ହେବ। ଏହାର ପ୍ରଚାର ଓ ପ୍ରସାର କରିବା ସହିତ ଲୋକଙ୍କୁ ସଚେତନ କରିବା ପାଇଁ ଏକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମନୋରଞ୍ଜନ ଦାଶ ଆଜି ଶୁଭାରମ୍ଭ କରିଛନ୍ତି।

*Kalahandi*

## ରେଣ୍ଡୋ ମାଝୀ ସହିଦ ଦିବସ

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ଲୁବେନଗଡ଼ଠାରେ ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝୀଙ୍କ ସହିଦ ଦିବସ ପାଳନ କରାଯାଇଛି। ଜିଲ୍ଲାର ବିଭିନ୍ନ ଆଦିବାସୀ ସଂଘ ପକ୍ଷରୁ ଏହି ଦିବସ ପାଳନ ଅବସରରେ ନାକଟିଗୁଡ଼ାରୁ ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏକ ବିଶାଳ ଶୋଭାଯାତ୍ରା କରି ଜେଲଛକଠାରେ ସହିଦ ରେଣ୍ଡୋ ମାଝୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

*Ganjam*

## ଶିବିର ଅନୁଷ୍ଠିତ

ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ଆର୍ଥିକ ସାକ୍ଷରତା ଏବଂ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା, ସୁରକ୍ଷିତ ସଞ୍ଚୟ, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ

ବିଭିନ୍ନ ବୀମା, ରାଜ୍ୟ ସରକାରଙ୍କ ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ତଥା ଉଠାଣ ସମ୍ବନ୍ଧୀୟ ବିସ୍ତୃତ ଆଲୋଚନା ହୋଇଥିଲା।

***Boudh***

# ତାଲିମ ଶିବିର

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଅନ୍ତର୍ଗତ ମଥୁରା ପଞ୍ଚାୟତର ଦନ୍ତାପାଲିଠାରେ କୃଷି ବିଜ୍ଞାନ କେନ୍ଦ୍ର ସହାୟତାରେ କୃଷକ ଓ କୃଷିଜୀବୀ ମହିଳା ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ସମନ୍ୱିତ କୃଷି ତଥା ଜୈବିକ କୃଷି, ପନିପରିବା ଚାଷ, ଛତୁଚାଷ ମାଧ୍ୟମରେ ସ୍ୱାବଲମ୍ବୀ ହେବାନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# ବିଡବ୍ଲ୍ୟୁଏଫ୍ ସୁପର-୧୦୦

କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ବିଡବ୍ଲ୍ୟୁଏଫ୍ ସୁପର-୧୦୦ ଓଡ଼ିଶା ମାଷ୍ଟର୍ସ ଆନ୍ତର୍ଜାତିକ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ତୃତୀୟ ସଂସ୍କରଣ ଆଜିଠାରୁ ଆରମ୍ଭ ହେଉଛି। ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୨୯ଟି ଦେଶର ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଏଥିରେ ଓଡ଼ିଶାରୁ ବିଭିନ୍ନ ବର୍ଗରେ ୧୧ ଜଣ ଖେଳାଳି ଭାଗ ନେଇଛନ୍ତି।